**Series G7DEF** **SET-4**

**Q.P. Code 14**

Roll No. | | | | | | | | |

Candidates must write the Q.P. Code on the title page of the answer-book.

**ଟିପ୍ପଣୀ**

(I) *ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।*

(II) *ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।*

(III) *ପ୍ରଶ୍ନପତ୍ରଟି **14** ଟି ପ୍ରଶ୍ନ ଅଛି କି ନା ଆରମ୍ଭକୁ ଦେଖିନିଅ ।*

(IV) ***ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।***

(V) *ଶ୍ନପତ୍ର ପଢ଼ିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।*

**NOTE** [ ]

(I) *Please check that this question paper contains **11** printed pages.*

(II) *Q.P. Code given on the right hand side of the question paper should be written on the title page of the answer-book by the candidate.*

(III) *Please check that this question paper contains **14** questions.*

(IV) *Please write down the Serial Number of the question in the answer-book at the given place before attempting it.*

(V) *15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the candidates will read the question paper only and will not write any answer on the answer-book during this period.*

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* *Maximum Marks : 80*

**General Instructions :**

- *This question paper is divided into **4** sections.*
- *It has total **14** questions.*
- ***Section A : 1** Question no. **1***
- ***Section B : 2** Questions no. **2** and **3***
- ***Section C : 4** Questions no. **4** to **7***
- ***Section D : 7** Questions no. **8** to **14***

*Attempt questions as per specific instructions.*
*Write question no. in answer book before attempting it.*

**ସାଧାରଣ ନିର୍ଦ୍ଦେଶାବଳୀ :**

- *ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।*
- *ଏହି ପ୍ରଶ୍ନପତ୍ରରେ ସମୁଦାୟ 14 ଟି ପ୍ରଶ୍ନ ରହିଛି ।*
- ***ସେକ୍ସନ ଏ (Section A) : 1** ପ୍ରଶ୍ନ ସଂଖ୍ୟା 1 ରହିଛି*
- ***ସେକ୍ସନ ବି (Section B) : 2** ପ୍ରଶ୍ନ ସଂଖ୍ୟା 2 ରୁ 3 ରହିଛି*
- ***ସେକ୍ସନ ସି (Section C) : 4** ପ୍ରଶ୍ନ ସଂଖ୍ୟା 4 ରୁ 7 ରହିଛି*
- ***ସେକ୍ସନ ଡି (Section D) : 7** ପ୍ରଶ୍ନ ସଂଖ୍ୟା 8 ରୁ 14 ରହିଛି*

*ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।*
*ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।*

## SECTION A
## ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୀର୍ଘ ଜୀବନ ପଥରେ ଚାଲୁଚାଲୁ ଝୁଣ୍ଟି ପଡ଼ିବାର ସମ୍ଭାବନା ସବୁବେଳେ ରହିଥାଏ । କ୍ଷତାକ୍ତ ହେଲେ ମଧ୍ୟ ପଡ଼ିଉଠି ଧାଇଁବାକୁ ହୁଏ, କାରଣ ଏହା ହିଁ ଜୀବନର ସ୍ୱାଭାବିକ ଗତି । ଉଠି ନ ଚାଲିଲେ ପଛରେ ପଡ଼ିଯିବାକୁ ହୋଇଥାଏ । ମଝିରେ ମଝିରେ ଜୀବନରେ ଏଭଳି ପ୍ରବଳ ଝଡ଼ଝଞ୍ଜା ଆସେ, ମନେହୁଏ ସତେ ଯେପରି ଏଥିରେ ଜୀବନର ଅସ୍ତିତ୍ୱ ଲୋପ ପାଇଯିବ । ସବୁକିଛି ସ୍ୱାଭାବିକ ଥିବାବେଳେ

ବେଳେବେଳେ ଅସ୍ୱାଭାବିକ ପରିସ୍ଥିତି ଉପୁଜେ । ଦୁଃଖ ଦୁର୍ବିପାକ ଭିତରେ ମଣିଷ ଯେତେବେଳେ ହତାଶ, କିଂକର୍ତ୍ତବ୍ୟବିମୂଢ଼ ହୁଏ, ସେତେବେଳେ ତା'ର ହିତାହିତ ବିଚାରବୋଧ ରହେନାହିଁ । ସାମାନ୍ୟ ଧୈର୍ଯ୍ୟ ଧରି, ପ୍ରକୃତିସ୍ଥ ହେଲେ ଅନ୍ତତଃ ଏଥିରୁ ରକ୍ଷା ମିଳିଯାଏ । କାରଣ ଜଗତରେ ଏପରି ଝଡ଼ଝଞ୍ଜା ବେଶି ସମୟ ରହିନଥାଏ । ଝଡ଼ ପରର ପ୍ରକୃତି ହୁଏ ନିଥର । ସେହିପରି ଦୁଃଖ ଅତିକ୍ରମ କରିଗଲା ପରେ ପ୍ରାଣ ହୁଏ ପ୍ରଶାନ୍ତ, ଗମ୍ଭୀର । ଅସୁବିଧାର ସମୟ ମଣିଷ ଜୀବନର ମହାପରୀକ୍ଷାର ସମୟ । ସୁନା ନିଆଁରେ ପୋଡ଼ିହୋଇ ଅଧିକ ଉଜ୍ଜ୍ୱଳ ହେଲାପରି ବିପଦ ସମୟରେ ହିଁ ବଳ, ବିକ୍ରମ, ଧୈର୍ଯ୍ୟ, ସାହସ ଓ ଆସ୍ଥାର ପ୍ରକୃତ ପରୀକ୍ଷା ହୋଇଥାଏ ।

(i) କେତେବେଳେ ମଣିଷର ହିତାହିତ ବିଚାରବୋଧ ରହେନାହିଁ ?

(ii) ଦୁଃଖ ଅତିକ୍ରମ କରିଗଲା ପରେ ପ୍ରାଣ କିପରି ହୁଏ ?

(iii) କ'ଣ କଲେ ଅସ୍ୱାଭାବିକ ପରିସ୍ଥିତିରୁ ରକ୍ଷା ମିଳିଯାଏ ?

(iv) ବିପଦ ସମୟରେ କାହାର ପ୍ରକୃତ ପରୀକ୍ଷା ହୋଇଥାଏ ?

(v) ଜୀବନପଥରେ ଝୁଣ୍ଟି ପଡ଼ିଲେ ମଧ୍ୟ କାହିଁକି ଧାଇଁବାକୁ ହୁଏ ?

## SECTION B

## ସେକ୍ସନ ବି

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) ସନ୍ତ୍ରାସବାଦ ସମସ୍ୟା

(ii) ମହିଳା ସଶକ୍ତିକରଣ

(iii) ସମାଜସେବାରେ ଛାତ୍ରର ଭୂମିକା

3. (a) ''ବିଦ୍ୟାଳୟରେ ଉତ୍କଳ ଦିବସ ପାଳନ'' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ । *1×6=6*

**କିମ୍ବା (OR)**

(b) ''ଶିଶୁ ଶ୍ରମିକ ସୁରକ୍ଷା'' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।
(ବି.ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION C

## ସେକ୍ସନ ସି

4. ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେ କୌଣସି ***ଗୋଟିଏ*** ଛନ୍ଦକୁ ବୁଝାଇ ଲେଖ । *1×4=4*

(i) ଭାଗବତବାଣୀ ।

(ii) ବଙ୍ଗଳାଶ୍ରୀ ।

5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି ***2*** ଟିର) *2×1=2*

(i) ବାଲ୍ୟକାଳରେ ବିଦ୍ୟାର୍ଜନ କର, ତାହେଲେ ଯୌବନରେ ଧନ ଅର୍ଜନ କରିବ । (ସରଳ ବାକ୍ୟ କର)

(ii) ଚନ୍ଦ୍ରର ନିଜର ଆଲୋକ ନଥିଲେ ହେଁ ଏହା ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ହୁଏ । (ଯୌଗିକ ବାକ୍ୟ କର)

(iii) ସିଦ୍ଧାର୍ଥ ରାଜବେଶ ପରିତ୍ୟାଗ କରି ସନ୍ନ୍ୟାସୀ ବେଶ ଧାରଣ କଲେ । (ଜଟିଳ ବାକ୍ୟ କର)

6. ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (ଯେ କୌଣସି *2* ଟିର) *2×1=2*

(i) ହୁଙ୍କାପିଟା

(ii) କଳାକାଠ ପଡ଼ିଯିବା

(iii) ଝିମିଟି ଖେଳରୁ ମହାଭାରତ

7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି *2* ଟିର) *2×1=2*

(i) ଅଭଡ଼ା

(ii) ଯାତାୟତ

(iii) ଲଜ୍ୟା

## SECTION D

## ସେକ୍ସନ ଡି

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

(ii) ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଦେଇ ତାଙ୍କ ନିଜ ଭାଷାରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) କିଭଳି ଲୋକ ଜୀବନ ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?

(ii) ବିବେକାନନ୍ଦ ଉଦ୍ଦେଶ୍ୟହୀନ ଭାବରେ ପାଦରେ ଚାଲିଚାଲି ଭାରତସାରା ବୁଲିଥିଲେ କାହିଁକି ?

(iii) କେଉଁ ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ପ୍ରଥମେ ପ୍ରୟାସ କରିଥିଲେ ?

(iv) ଶିକ୍ଷିତମାନେ କାୟକ୍ଳେଶ ଓ ଅଭିଜାତ୍ୟ ମଧ୍ୟରୁ କେଉଁଟାକୁ ଅଧିକ ପସନ୍ଦ କରନ୍ତି ଓ କାହିଁକି ?

(v) 'ମୈତ୍ରୀ ର ଧ୍ୱଜା' କେତେବେଳେ ଉଡ଼ିବ ବୋଲି ପ୍ରବନ୍ଧରେ କୁହାଯାଇଛି ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *10×1=10*

(i) ସମସ୍ତ ଶିକ୍ଷିତ ଗୋଷ୍ଠୀ କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ ?

(A) ଧନିକ (B) ଦରିଦ୍ର

(C) ଆଭିଜାତ୍ୟ (D) ରାଜନୈତିକ

(ii) ସ୍ତୁପୀକୃତମେଘ ଗିରିରାଜର ମସ୍ତକରୁ କାହା ଉପରକୁ ଆନତ ହୋଇଆସେ ?

(A) ପଲ୍ଲୀଭୂମିକୁ

(B) ଶାଳତରୁକୁ

(C) ସବୁଜ ପ୍ରାନ୍ତରକୁ

(D) ସମୁଦ୍ର ତଟକୁ

(iii) ଆଲୋକ ଓ ଉତ୍ତାପ କେଉଁ ଶକ୍ତିର ଏକ ଏକ ଅବସ୍ଥା ଅଟେ ?

(A) ପ୍ରବହମାନ ଶକ୍ତି

(B) ଜୀବନ୍ତ ଶକ୍ତି

(C) ସନ୍ନିଶ୍ରିତ ଶକ୍ତି

(D) ଜଡ଼ଶକ୍ତି

(iv) ହିବ୍ରୁଭାଷା ଏବେ କେଉଁ ଦେଶର ରାଜଭାଷାରେ ପରିଣତ ହୋଇଛି ?

(A) ରୁଷିଆ (B) ଫ୍ରାନ୍ସ୍

(C) ଇରାକ୍ (D) ଇଜ୍ରାଏଲ୍

(v) ବୈଷୟିକ ଉନ୍ନତି କାହାଦ୍ୱାରା ସମ୍ଭବ ହୋଇଥିଲା ?

(A) ତ୍ୟାଗ ଓ ଧର୍ମ (B) ପରୋପକାର

(C) ଆତ୍ମଶୁଦ୍ଧି (D) ତର୍କବିତର୍କ

(vi) କାହା ଉପରେ ଅଭିଶାପ ପରି ନିଷ୍ଠୁର ଶରଟିଏ ଆସିପଡ଼ିଲା ?

(A) ରାମ (B) ଶ୍ରୀକୃଷ୍ଣ

(C) ରାବଣ (D) ଶ୍ରୀରାଧା

(vii) ନିଜର ଭାଷା କେଉଁ ପରି ଦରକାର ବୋଲି ପ୍ରାବନ୍ଧିକଙ୍କ ମତ ?

(A) ନିତ୍ୟକର୍ମ ପରି

(B) ଅତ୍ୟନ୍ତ ଆବଶ୍ୟକତା ପରି

(C) ଅନ୍ନବସ୍ତ୍ର ପରି

(D) ଅନ୍ତରକୁ ଛୁଇଁବା ପରି

(viii) ଆମଭାଷା ପରି ଗୋଟିଏ କେଉଁ ଭାଷାକୁ ପୃଥିବୀ ଲୋକେ ଜାଣୁଛନ୍ତି ବୋଲି ଲେଖକ ଉଲ୍ଲେଖ କରିଛନ୍ତି ?

(A) ତେଲଗୁ

(B) ବଙ୍ଗଳା

(C) କନ୍ନଡ଼

(D) ମାଲାୟାଲମ୍

(ix) ଜଗତର ସବୁ ମହାନ କର୍ମ କାହା ଦ୍ୱାରା ସମ୍ପନ୍ନ ହୋଇଛି ?

(A) ସହରୀ ମଣିଷ (B) ଶିକ୍ଷିତ ମଣିଷ

(C) ଜ୍ଞାନୀ ମଣିଷ (D) ଏକୁଟିଆ ମଣିଷ

(x) 'ସ୍ୱାମୀ ବିଜ୍ଞାନାନନ୍ଦଙ୍କର' ଅସଲ ନାମଟି କ'ଣ ?

(A) ଗଙ୍ଗାଧର (B) ହରିପ୍ରସନ୍ନ

(C) ବାବୁରାମ (D) କାଳୀପ୍ରସାଦ

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ବିଭୂତିକି ଭୁଞ୍ଜୁଥିଲୁ ବିଭୂତି ଭୂଷଣେ
ବଡ଼କୂଳେ ଜନମି ଶରଣ କି କାରଣେ ଯେ ।

(ii) ବୈକୁଣ୍ଠେଦେଇ ତୃପତି ଅନନ୍ତ ଶ୍ରୁତିକି ଗୁଡିକି ଗତି
ବିହିଲା କି ସରସ୍ୱତୀ ବୀଣା ଝଙ୍କାର ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

(ii) ମାଟିର ମହାଯଶ ଘୋଷିବାକୁ କବି କାହାଠାରୁ ଆଦେଶ ପାଇଛନ୍ତି ?

(iii) ଭୁବନସାରା ହସାଇବା ପାଇଁ କ'ଣ ଭିନ୍ନ କରିବାକୁ କୁହାଯାଇଛି ?

(iv) ମର୍ତ୍ତ୍ୟ ଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?

(v) ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ପ୍ରତିକ୍ରିୟା ପ୍ରକାଶ କଲେ ?

**13.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *10×1=10*

(i) 'ମାଟି ମାଆର ପାଣିପବନ' କବିଙ୍କ ଦେହରେ କ'ଣ ଭରିଦେଇଛି ?

(A) ତୃପ୍ତି (B) ପ୍ରୀତି

(C) ବଳ (D) ଶାନ୍ତି

(ii) ସିଙ୍ଘନାଦ କ'ଣ ?

(A) ସିଙ୍ଘର ନାଦ

(B) ସିଙ୍ଘରେ ତିଆରି ବାଦ୍ୟ

(C) ମଇଁଷିର ନାଦ

(D) ହାଡ଼ରେନିର୍ମିତ ବାଦ୍ୟ

(iii) 'ମଣିଷ ମନରେ' 'କୁହେଳିକା' କିଏ ସୃଷ୍ଟି କରେ ?

(A) ମୋହ ମମତା

(B) ବିଷୟ ଭାବନା

(C) ପୁତ୍ରକନ୍ୟା

(D) ସାର୍ଥଭାବନା

(iv) ପର୍ବତମାଳା ଗୁଡ଼ିକ ଉତ୍କଳ ଜନନୀଙ୍କର ଦେହରେ କିପରି ଶୋଭା ପାଉଛି ?

(A) କଟୀ ମେଖଳାପରି

(B) ତରଙ୍ଗ ଆକାର ପରି

(C) ଚରଣ ପାଦୁକାପରି

(D) ମୁକ୍ତାମାଳ ପରି

(v) 'ମଙ୍ଗଳେ ଅଇଲା ଉଷା' କବିତାଟି କେଉଁ ବୃତ୍ତରେ ରଚିତ ?

(A) ଆଶାବରୀ (B) ରାମକେରୀ

(C) ଭୈରବୀ (D) ଚୋଖି

(vi) ବିଦ୍ୟୁତପ୍ରଭା ଦେବୀଙ୍କର କେଉଁ କବିତା ଗ୍ରନ୍ଥ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛି ?

(A) ମାଟି-ପାଣି-ପବନ (B) ସଂଚୟନ

(C) ଝରାଶିଉଳି (D) କାକଳି

(vii) ଆଙ୍ଗିକ ଦୃଷ୍ଟିରୁ 'ଚିଲିକା' ଏକ କେଉଁ ପ୍ରକାର କାବ୍ୟ ?

(A) ମହାକାବ୍ୟ (B) କାବ୍ୟ ନୁହେଁ

(C) ଖଣ୍ଡକାବ୍ୟ (D) ପୂର୍ଣାଙ୍ଗ କାବ୍ୟ

(viii) ଶୁକ-ସାରଣ କିଏ ?

(A) ସୁଗ୍ରୀବଙ୍କ ମନ୍ତ୍ରୀ (B) ରାବଣଙ୍କ ମନ୍ତ୍ରୀ

(C) ଜାମ୍ବବାନଙ୍କ ମନ୍ତ୍ରୀ (D) ବିଭୀଷଣଙ୍କ ମନ୍ତ୍ରୀ

(ix) କାହା ସହିତ ବାଦ କରି ସୈନ୍ୟ ବାହୁଡ଼ାଇ ଆଣିବାକୁ ଅଙ୍ଗଦଙ୍କୁ କୁହାଯାଇଛି ?

(A) ମାତୃବ୍ୟ (B) ପିତା

(C) ପିତୃବ୍ୟ (D) ମାତା

(x) ମନସୁଖ ଲାଗି ମାଟି ମାଆ ହସକଥା କେଉଁଠାରେ ଭରିଛି ?

(A) ନଈସମୁଦ୍ରରେ (B) ଗଛପତ୍ରରେ

(C) ମାଟିଆକାଶରେ (D) ସୁଖଦୁଃଖରେ

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ***6*** ଟିର) *6×1=6*

(i) ସୂର୍ଯ୍ୟ ଦେବ ସ୍ୱୟଂ ନାରାୟଣ – ଏକଥା କିଏ କହିଛନ୍ତି ?

(ii) ପିଉସୀଙ୍କ ପାଇଁ କ'ଣ କରିବାକୁ ମହାପାତ୍ର ବେବିକୁ କହିଲେ ?

(iii) ଛାମୁ ସୌନ୍ଦର୍ଯ୍ୟର ପୂଜାରୀ – ଏହା କାହାର ଉକ୍ତି ?

(iv) ବାଉଁଶ ବାଡ଼ି ଶେଷରେ କ'ଣ ଅଛି ?

(v) ବାସନଧୁଆ ଟୋକାଟା କେଉଁଠି ଶୋଇଥିଲା ?

(vi) ଅଶୋକ କେଉଁ ମନ୍ତ୍ରରେ ଦୀକ୍ଷିତ ହେଲେ ?

(vii) କାଠୁରିଆଠୁ କ'ଣ ଆଦାୟ କରିବାକୁ ଲେଖକ ଜଗି ବସିଥିଲେ ?

(viii) ରାଜା ନରସିଂହ ଦେବ ମନ୍ଦିର ତୋଳା ଦାୟିତ୍ୱ କାହା ଉପରେ ଅର୍ପଣ କଲେ ?